GRJSC GHADAI RESIDENTIAL Jr Sc COLLEGE MALKANGIRI Sikhya Praskhyan Sandhana

# GHADAI

## RESIDENTIAL SCIENCE HIGHER SECONDARY SCHOOL MALKANGIRI

(RECOGNIZED BY GOVT. OF ODISHA AND AFFILIATED TO COUNCIL OF HIGHER SECONDARY EDUCATION, ODISHA

## ମାଲକାନଗିରି ଜିଲ୍ଲାରେ ସର୍ବୋଚ୍ଚ ନମ୍ବର, ସର୍ବାଧିକ ପ୍ରଥମ ଶ୍ରେଣୀ ଓ ପାସ୍‌ହାରରେ ଘଡ଼େଇ କଲେଜ ପ୍ରଥମ।


ସୁରେଶ ଚନ୍ଦ୍ର ଘଡ଼େଇ, ମୁଖ୍ୟ ପରିଚାଳକ

ପ୍ରତି ଶିକ୍ଷାବର୍ଷରେ ମହାବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଉପରେ ପରୀକ୍ଷା ଫଳ ନିର୍ଭର କରିବା ସଙ୍ଗେ ମହାବିଦ୍ୟାଳୟର ଅଭିଜ୍ଞ ଅଧ୍ୟାପକ/ଅଧ୍ୟାପିକାଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରି ପରୀକ୍ଷା ଫଳକୁ ଉଚ୍ଚସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ କରି ଆସୁଅଛି। ଦଶମଶ୍ରେଣୀରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ପାସ୍ ହୋଇ ଆସୁଥିବା ଛାତ୍ରଛାତ୍ରୀମାନେ ଏହି ମହାବିଦ୍ୟାଳୟରେ ପାଠ ପଢ଼ି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି। ସବୁ ବର୍ଷମାନଙ୍କ ପରି ଚଳିତବର୍ଷ +୨ ବିଜ୍ଞାନ ଫଳରେ ପୂର୍ବ ଗୌରବ ବଜାୟ ରଖିପାରିଛି। ଏହି ବର୍ଷ ୨୧୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୩ଜଣ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଶୁଭସ୍ମିତା ନାୟକ, ମାଲକାନଗିରି ଜିଲ୍ଲା ଟପ୍ପର ହୋଇପାରିଛନ୍ତି। ପ୍ରକାରାନ୍ତରେ ଏହି ଶିକ୍ଷାନୁଷ୍ଠାନ ପିଲାମାନଙ୍କର ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଥିବା ଅଭିଭାବକମାନଙ୍କର ପ୍ରଥମ ପସନ୍ଦ। ଏଥିପାଇଁ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ଚର୍ଚ୍ଚା। କେବଳ ଯେ ଆମ ଏହି ଅନୁଷ୍ଠାନ କୃତକାର୍ଯ୍ୟ କରି ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଧ୍ୟାନ ଦେଇଥାଏ ସେମିତି ନୁହେଁ, +୨ ପରୀକ୍ଷାରେ କମ୍ ନମ୍ବର ରଖି ଅକୃତକାର୍ଯ୍ୟ କରିଥିବା ଛାତ୍ରଛାତ୍ରୀ ମଧ୍ୟ ଆମ ପାଇଁ ବିଶେଷ ଗୁରୁତ୍ୱ ବହନ କରନ୍ତି। ସେମାନଙ୍କୁ ମଧ୍ୟ ଅଧିକ ରୁ ଅଧିକ ଗୁରୁତ୍ୱ ଦେଇ କିଭଳି ଇନ୍‌ଷ୍ଟାଣ୍ଟ ପରୀକ୍ଷାରେ ସଫଳ ହେବେ ତାହାକୁ ଆମେ ପ୍ରାଧାନ୍ୟ ଦେଇଥାଉ। ଅକୃତକାର୍ଯ୍ୟ କରିଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ନିରାଶ ନ ହୋଇ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଭରସା ଦେବା ସହ ପରୀକ୍ଷାରେ ସଫଳ ହେବା ପାଇଁ ଉତ୍ସାହ ପ୍ରଦାନ କରିବାକୁ ଅନୁରୋଧ। ଏଠାରେ ଉଦାର ଚିନ୍ତାଧାରା ସମ୍ପୂର୍ଣ୍ଣ ତଥା ଛାତ୍ରବତ୍ସଳ ମନୋଭାବ ଏବଂ ଶିକ୍ଷାଦାନରେ ନିପୁଣ ଶିକ୍ଷାଦାନ ପାଇଁ ଏହି କଲେଜରୁ ଶିକ୍ଷାଦାନ ପାଇ ଅନେକ ଛାତ୍ରଛାତ୍ରୀ ଡାକ୍ତର, ପ୍ରଫେସର ଓ ବିଭିନ୍ନ ଉଚ୍ଚ ପଦପଦବୀରେ ଯୋଗଦେଇ ନିଜର ଜୀବନଶୈଳୀ ବଦଳାଇବାରେ ସକ୍ଷମ ହୋଇଛନ୍ତି। ମାଲକାନଗିରି ଜିଲ୍ଲାର ଅଭିଭାବକମାନେ ନିଜ ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିଲେ ମାଲକାନଗିରି ଜିଲ୍ଲାର ଛାତିରେ ଦୀର୍ଘ ୮ବର୍ଷ ଧରି ସଫଳତା ହାସଲ କରି ଆସୁଥିବା ଘଡ଼େଇ ମହାବିଦ୍ୟାଳୟରେ ଯେମିତି ନାମ ଲେଖାଇବାକୁ ଭୁଲି ନ'ଯାନ୍ତି।

ସୁରେଶ ଚନ୍ଦ୍ର ଘଡ଼େଇ, ମୁଖ୍ୟ ପରିଚାଳକ

# GHADAI RESIDENTIAL SCIENCE HIGHER SECONDARY SCHOOL MALKANGIRI

(Recognized by Govt. of Odisha & Affiliated to Council of Higher Secondary Education, Odisha)

History Created in Malkangiri District 92% Result-2020

## District Topper



$\frac{495}{600}$ = 82.5%

SHUBHASMITA NAYAK

## NO. OF 1ST DIVISION STUDENTS:- 73

### Students Scoring 80% Above Marks



| | | | | |
|---|---|---|---|---|
| 82.2% | 81.3% | 80.8% | 80.8% | 80.7% |
| JAYDEV DHALI | JOSHANA RANI GOUDA | SHIBA HARIJAN | TUSHAR MONDAL | ARPITA BARAL |

## Our 1st Division Students



| | |
|---|---|
| ANKITA MISHRA | 78.7% |
| SOURAV MONDAL | 78.2% |
| MONALISHARAO MURMU | 77% |
| DEVKUMAR GOLDAR | 75.3% |
| BHOLANATH GHARAMI | 75.2% |
| RUDRA PRASAD PANDA | 74.7% |
| PRANGYA PARAMITA PADHI | 74.5% |
| SHREEYA HALDAR | 74.3% |
| SUPARNA MAJHI | 73.8% |
| ABHISEK MANDAL | 73.7% |
| ANUSHREE MISTRY | 73.2% |
| ANKITA RANI SETHY | 72.5% |
| PRITINANDA SWAIN | 72.2% |
| HITESH ANKIT RAY | 71.5% |
| SARFRAZ AHEMAD | 71.2% |
| SHIBA KHARA | 71.2% |
| BISWA PRAKASH MANDAL | 70.7% |
| JYOTI SARDAR | 70.7% |
| SOUMY RANJAN MANDAL | 70.7% |
| AMIT BISWAS | 70.5% |
| SUJAY BISWAS | 70.5% |
| PUJA HAJRA | 70.3% |
| SAGAR DAS | 70.3% |
| GOVINDA BAIRAGI | 69.5% |
| SABITA PUJARI | 69.2% |
| RATNA BAIRAGI | 69% |
| SANJAY GAIN | 68.7% |
| SUDIP KARMAKAR | 68.3% |
| DHRUBA NATH | 68% |
| RANJAN KHARA | 67.5% |
| LILA MISTRY | 67% |
| NIHAR RANJAN BARIK | 67% |
| ASHARANI DEBNATH | 66.8% |
| KESHB BAIDYA | 66.7% |
| KHUSI KUMARI SANCHETI | 66.7% |
| SOURAV MANDAL | 66.7% |
| PRIYA MIRDHA | 66.7% |
| RAJESH KUMAR SABAT | 66.7% |
| KAMAL DHALI | 65% |
| CHANDAN MRIDHA | 64.7% |
| SANJAY KUMAR DAS | 64.5% |
| ASISH MONDAL(A) | 64.2% |
| DHIRAJ SATYA PRASAD BISWAS | 64.2% |
| RASMHITA MISTRY | 63.7% |
| RINKU BAIRAGI | 63.7% |
| KHETRABASI DAS | 63.3% |
| SOURAB DAS | 63.3% |
| DEEPA MAJUMDAR | 63.2% |
| BANDANA ACHARY | 63% |
| RIYA DHALI | 63% |
| RAJESH MALAKAR | 62.8% |
| RIMA PAUL | 62.8% |
| BITTU SARKAR | 62.3% |
| BIKASH SARRAR | 62.2% |
| GANAPATI GAIN | 62.2% |
| ANUP SAKDAR | 62.% |
| PRABHAT DHALI | 62.% |
| SANTU DEV | 61.2% |
| MADHABI PATRA | 61.% |
| ABHAY GAIN | 60.5.% |
| ABHIJIT HALDAR | 60.5.% |
| ASHISH MANDAL | 60.5.% |
| JUGAL CHANDRA SISA | 60.5.% |
| BIBEK MANDAL | 60.2.% |
| HARI PRASAD NAYAK | 60.% |
| SUJATA MAHARANA | 60.% |
| GOKUL HALDAR | 60.% |

HINDUSTAN FLEX (DILU)MKG.9668616444,.06861-231111

**Kalimela Road, Behind Durga Petrol Pump, Malkangiri**

**Contact no :- 9437373767, 9439509926, 9437321921, 7077621133**

Website- www.ghadaicollege.org.in

## ଡଙ୍ଗରୀ ସାହି କଣ୍ଟେନ୍‌ମେଣ୍ଟ ଜୋନ୍

ଡାବୁଗାଁ,(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଘୋଡାଖୁଣ୍ଟା ପଞ୍ଚାୟତ ସଦର ମହକୁମାରୁ ରବିବାର ୧୦ ଜଣ କରୋନା ପଜିଟିଭ ଚିହ୍ନଟ ହେବାପରେ ଘୋଡାଖୁଣ୍ଟା ଗ୍ରାମର ଡଙ୍ଗରୀ ସାହିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହା ସହ ସମ୍ପୂର୍ଣ୍ଣ ଗ୍ରାମକୁ ବଫର ଜୋନ ଭାବେ ପ୍ରଶାସନ ଘୋଷଣା କରାଛି। ଉକ୍ତ ଗ୍ରାମକୁ ସିଲ୍ କରାଯାଇଛି।

# ସାପ କାମୁଡ଼ିଲେ ଡାକ୍ତରଖାନାକୁ ନା

ଜୟପୁର,୨୩।୮ (ନି.ପ୍ର.)

ବିଜ୍ଞାନ ଯେତେ ଆଗେଇଲେ ମଧ ଗ୍ରାମାଞ୍ଚଳ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରୁନି। ଏବେ ମଧ ଉପାନ୍ତ ଅଞ୍ଚଳରେ ଲୋକେ ସାମାନ୍ୟ କିଛି ଦେହ ଖରାପ ହେଲେ ମେଡିକାଲ ବଦଳରେ ଦିଶାରି ଉପରେ ନିର୍ଭର କରୁଛନ୍ତି। ସେମାନଙ୍କ ବିଶ୍ୱାସ ଦେହ ଖରାପ ହେଉ ଅବା ସାପ କାମୁଡ଼ିଲେ ଦିଶାରି ପାଖକୁ ଗଲେ କିଛି ପୂଜାର୍ଚ୍ଚନା, କିଛି ଚେରମୂଳି ଦାରା ସବୁ ବିଷ ଆପେ ବାହାରିଯିବ। ଜୟପୁର ବ୍ଲକ ଖଜୁରିଗୁଡାରେ ଏପରି ଦେଖିବାକୁ ମିଳିଛି। ଖଜୁରିପଡାରେ ରହନ୍ତି ସିରା ପୂଜାରୀ ଦିଶାରିବାବା। ସେ ବିଷଧର ସାପ କାମୁଡିଥିଲେ ତା'ର ବିଷ କାଢ଼ିପାରନ୍ତି। ସେ କିଛି ଚେରମୂଳି ଓ ତାଙ୍କ ଚୁଟି ଦ୍ୱାରା ବିଷକୁ ହରଣ କରିପାରନ୍ତି। ଏଥିପାଇଁ ତାଙ୍କ ପାଖକୁ ଆଖପାଖ ଅଞ୍ଚଳ ସହ ଦୂରଦୂରାନ୍ତ ଅଞ୍ଚଳରୁ ଲୋକେ ଚିକିତ୍ସା ପାଇଁ ଆସନ୍ତି। ଏଯାଏ ସେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଚିକିତ୍ସା କରି ଭଲ କରିଥିବା କହନ୍ତି। ଏଥିପାଇଁ ସେ କିଛି ଟଙ୍କା ମାଗନ୍ତି ନାହିଁ। ଯିଏ ଯାହା ଖୁସିରେ ଦେଲା ରଖନ୍ତି। ସେଥିରୁ ୨୧ ଟଙ୍କା ଭଗବାନ ଶିବଙ୍କୁ ଭୋଗ ଲଗାଇ ବଳକା ଟଙ୍କା ସେ ରଖିଥାନ୍ତି। ତେବେ ସରକାର ଗ୍ରାମାଞ୍ଚଳରେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲେ ମଧ ଲୋକେ ଡାକ୍ତରଖାନା ନ ଯାଇ ଦିଶାରିଙ୍କ ପାଖକୁ ଯିବା ସଚେତନତାର ଅଭାବକୁ ପ୍ରମାଣିତ କରୁଛି। ଡାକ୍ତରଖାନାରେ ପହଞ୍ଚି ସ୍ୱାସ୍ଥ୍ୟସେବା ନେବାକୁ ସରକାର ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରୁଥିଲେ ମଧ ଲୋକେ ସଚେତନ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଦିଶାରିବାବା ଜଣେ ବ୍ୟକ୍ତିଙ୍କଠାରୁ ବିଷ ଝାଡୁଛନ୍ତି।

## ସଂକ୍ଷେପରେ

### ବ୍ଲକ ଅଧ୍ୟକ୍ଷଙ୍କ ମୋଟୁ ବନ୍ୟାଞ୍ଚଳ ଗସ୍ତ

କାଲିମେଳା,୨୩।୮(ଡି.ଏନ.ଏ.)- ଲଘୁଚାପଜନିତ ବର୍ଷାରେ ମାଲକାନଗିରି ଜିଲା କାଲିମେଳା ବ୍ଲକରେ ୩ଥର ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବହୁ ଚାଷୀଙ୍କ ଚାଷ ଜମିର ଫସଲ ପାଣିରେ ବୁଡି ନଷ୍ଟ ହୋଇଛି। ଅନେକ ଲୋକଙ୍କ ଘର ଭାଙ୍ଗିଛି। ବନ୍ୟାରେ ସୀମାନ୍ତ ମୋଟୁ ଅଞ୍ଚଳବାସୀ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। କାଲିମେଳା ବ୍ଲକ ଅଧକ୍ଷ ମାଲା ମାଢି ମୋଟୁ ବନ୍ୟା ଅଞ୍ଚଳକୁ ଗସ୍ତ କରି ମୁର୍ଗି ପଏଣ୍ଟସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପରେ ସେ ଦେଶୀ ଡଙ୍ଗାରେ ବୁଲି କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଥିଲେ। ମୋଟୁ ପଞ୍ଚାୟତର ବିନାୟକପୁର, ପେଟା, ଆଲମା, ମୋଟୁ ଆଦି ବହୁ ଗ୍ରାମ ଏବେ ବି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ବ୍ଲକ ଅଧକ୍ଷ ମାଢି ମୋଟୁ ତହସିଲଦାର ଶଶାଙ୍କ ମିଶ୍ର ଏବଂ ଆରଆଇଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ମାଢିଙ୍କ ଗସ୍ତ ସମୟରେ ବ୍ଲକର କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

### ନିଖୋଜ ମୃତଦେହ ଉଦ୍ଧାର

ଚିତ୍ରକୋଣ୍ଡା,୨୩।୮ (ଡି.ଏନ.ଏ.)- ଚିତ୍ରକୋଣ୍ଡା ବ୍ଲକ ରାଲେଗଡା ପଞ୍ଚାୟତ ଅନ୍ତର୍ଗତ ଟିକପଣଶା ନଦୀରେ ଭାସିଯାଇ ନିଖୋଜ ଥିବା ସୁଆପାଲି ଗ୍ରାମର ଲଛମନ ରାଓ ଗେଦେଲ(୫୦)ଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ସେ ଗତ ୨ ଦିନ ହେଲା ନିଖୋଜ ଥିଲେ। ବିଭିନ୍ନ ଜିନିଷପତ୍ର କିଣିବା ପାଇଁ ସେ ଓଡିଶା ସୀମାନ୍ତ ଆନ୍ଧ୍ର କୋରୁକୋଣ୍ଡାକୁ ଶୁକ୍ରବାର ଯାଇଥିଲେ। ଗ୍ରାମ ବାହାରକୁ ଯିବାକୁ ହେଲେ ନଦୀପାରି ହୋଇଯିବାକୁ ପଡେ। ସେ ଟିକପଣଶା ନଦୀରେ ପହଁରି ପହଁରି ଅପରପାର୍ଶ୍ୱକୁ ଯାଉଥିବା ବେଳେ ପାଣିସ୍ରୋତରେ ଭାସିଯାଇଥିଲେ। ଅଗ୍ନିଶମ, ଓଡ୍ରାଫ ଟିମ ଓ ଚିତ୍ରକୋଣ୍ଡା ତହସିଲ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ଖୋଜାଖୋଜି କରାଯାଇଥିଲେ ମଧ ତାଙ୍କ ପତା ମିଳି ନ ଥିଲା। ବହୁ ଖୋଜା ଖୋଜି କରିବା ପରେ ରବିବାର ଲଛମନଙ୍କ ମୃତଦେହ ମିଳିଥିବା ତହସିଲଦାର ଟି. ପଦ୍ମନାଭ ଦୋରା କହିଛନ୍ତି। ଏନେଇ ପାପରମେଟଲା ଥାନାରେ ଏକ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯିବ। ବର୍ଷାଦିନେ ଉକ୍ତ ନଦୀରେ ଏପରି ଅଘଟଣ ଘଟୁଥିବାରୁ ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ନାଳ ଭିତରୁ ନିଖୋଜ ବ୍ୟକ୍ତିଙ୍କ ମୃତହେଦ ଉଦ୍ଧାର

କାଲିମେଳା, ୨୩।୮ (ଡି.ଏନ.ଏ)- ମାଲକାନଗିରି ଜିଲା କାଲିମେଳା ବ୍ଲକ କାଙ୍ଗୁରୁକୋଣ୍ଡା ପଞ୍ଚାୟତର ଏମପିଭି-୨୨ ଗ୍ରାମର ଅନାଥ ମଣ୍ଡଳ (୫୫) ଶନିବାର ସକାଳେ ଗାଈ ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ରବିବାର ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ କାଙ୍ଗୁରୁକୋଣ୍ଡା ଦେଇ ଯାଇଥିବା ନାଳ ପାଣି ଭିତରୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ଅନାଥ ସବୁ ଦିନ ଭଳି ଶନିବାର ସକାଳ ୧୦ଟାରେ ଗାଁ ନିକଟସ୍ଥ ଝରଣା ନିକଟକୁ ଗାଈ ଚରାଇବାକୁ ନେଇଥିଲେ। ତେବେ ଅପରାହ୍ନରେ ଗାଈ ଘରକୁ ଫେରିଥିଲେ ମାତ୍ର ଅନାଥ ଆସି ନ ଥିଲେ। ଏନେଇ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ପରେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭିଡ଼ କରିବାରୁ ଅଧିକାରୀଙ୍କୁ ଜରିମାନା

କୋରୁକୋଣ୍ଡା, ୨୩।୮ (ଡି.ଏନ.ଏ) ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକକୁ ସାର ନେବାକୁ ଆସି ସାମାଜିକ ଦ୍ୱରତ୍ୱ ନ ରଖି ଚାଷୀ ଭିଡ ଜମାଇଥିଲେ। ଏହି ଖବର ପାଇ ବିଡ଼ିଓ ଦାଶରଥୀ ସରାବୁ ଏବଂ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ମାଇକ ଯୋଗେ ଭିଡ଼ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏ ଦିଗରେ ପଦକ୍ଷେପ ନେଇ ନ ଥିବାରୁ କୃଷି ସୂଚନା ଓ ପରାମର୍ଶ ଅଧିକାରୀଙ୍କୁ ୨ହଜାର ଟଙ୍କା ଜରିମାନା କରାଯାଇଥିଲା।

### ବିଏସ୍‌ଏନ୍‌ଏଲ୍ ସେବା ମିଳୁନି, ଛାତ୍ରୀଛାତ୍ର ହଇରାଣ

ବୈପାରିଗୁଡା,୨୩।୮ (ଡି.ଏନ୍.ଏ)- ବୈପାରିଗୁଡା ବ୍ଲକରେ ବିଏସ୍‌ଏନଏଲ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଥିବା ବିଭାଗର କାର୍ଯ୍ୟାଳୟରେ କର୍ମଚାରୀ ରହୁ ନ ଥିବାରୁ ତାଲା ଝୁଲୁଛି। କରୋନା ଯୋଗୁ ଅନେକ ସରକାରୀ କାର୍ଯ୍ୟ ଅନ୍ ଲାଇନ୍‌ରେ ଆବେଦନ କରିବାକୁ କୁହାଯାଉଛି। ଏବେ କଲେଜ୍‌ରେ ଆଡିମିଶନ ପାଇଁ ଅନ୍ ଲାଇନ୍‌ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଣ୍ଟରନେଟ୍ ସେବା ଠିକ୍ ରୂପେ ମିଳୁ ନ ଥିବାରୁ ଆଡମିଶନ ଲାଗି ଆବେଦନ କରିବାକୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଏଥିସହ ବିଭିନ୍ନ କାର୍ଯ୍ୟ କରିବାକୁ ସାଧାରଣ ଲୋକେ ମଧ ହଇରାଣ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଛାଡ଼ିଗଲା ପାଣି, କମିନି ଦୁଃଖ

କୋଡ଼ିଙ୍ଗା,୨୩।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାରେ ଗୁରୁବାରଠାରୁ ୨ଦିନ ଧରି ବର୍ଷା ଲାଗି ରହିଥିଲା। ଏଥିରେ କୋଷାଗୁମୁଡା ବ୍ଲକର ୧୫ ଗାଁ ଜଳବନ୍ଦୀ ହୋଇଥିଲା। ଶନିବାରଠାରୁ ପାଗ ଶୁଖିଲା ରହିଛି। ଏବେ ଗାଁରେ ପଶିଥିବା ପାଣି କମିବାରେ ଲାଗିଛି। କିନ୍ତୁ ଲୋକଙ୍କ ଦୁଃଖ କମିନାହିଁ। ଚାଷ ଜମିରେ ପାଣି ସହ ବାଲି ମାଡିଯାଇଛି। କୋଷାଗୁମୁଡା ବ୍ଲକରେ ବର୍ତ୍ତମାନ ସୁଦ୍ଧା ୬୮ଟି ଘର ଭାଙ୍ଗି ଯାଇଥିବା ବେଳେ ହେକ୍ଟର ହେକ୍ଟର ଜମି ଗୁଡିକରେ ଥିବା ଧାନ ଗଛ ନଷ୍ଟ ହୋଇଯାଇଛି। ଚଳିତ ବର୍ଷର ଫସଲ ନଷ୍ଟ ହୋଇଯିବାରୁ ଚାଷୀ ଏବେ ଚିନ୍ତାରେ। ବ୍ଲକର ଚିରମା ପଞ୍ଚାୟତ ଦୁଗାଲାହାଣ୍ଡି, ଭଙ୍ଗାଗୁଡା, ଜାଗନିଗୁଡା, ଚିରମା, ଉକିଆପାଲି ପଞ୍ଚାୟତର ଘାଟବାସୁଲି, ବିଞ୍ଜିଲି ପଞ୍ଚାୟତର ଘାଟଚୁରା, ଆଲୁପଦର, ଘାଟକୁଷୁମୀ, ବାୟାପୂଜାରୀଗୁଡା, କୀଡୀଙ୍ଗିପଦର, ଅଁଳାଭଙ୍ଗା, କେ.ସେମେଳା ପଞ୍ଚାୟତର କଣ୍ଟାସରଗୁଡା, ଘାଟୁଆଳିଗୁଡା ଓ ସାନଆମଡା ପଞ୍ଚାୟତର ଘୁଡ୍ରୀଗୁଡାରେ ୨୦୦୦ଲୋକେ ପ୍ରଭାବିତ ହୋଇଛନ୍ତି। ସମସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। କୋଷାଗୁମୁଡା ବ୍ଲକରେ ବନ୍ୟା ଯୋଗୁ ହୋଇଥିବା କ୍ଷୟକ୍ଷତିର ଶୀଘ୍ର ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କୋଡ଼ିଙ୍ଗା ତହସିଲଦାର ସହଦେ କୁହ୍ମକା କହିଛନ୍ତି। ଲୋକଙ୍କୁ ସହାୟତା ମିଳିବ ବୋଲି ସେ କହିଛନ୍ତି।



ଜଣେ ଚାଷୀ ନିଜ ଉଜୁଡା ଫସଲ ଦେଖୁଛନ୍ତି।

**୨ଦିନ ଲଗାଣ ବର୍ଷା**

- ହେକ୍ଟର ହେକ୍ଟର ଜମି ବାଲିଚର
- କୋଷାଗୁମୁଡ଼ା ବ୍ଲକରେ ଭାଙ୍ଗିଛି ୬୮ ଘର
- କ୍ଷୟକ୍ଷତି ଆକଳନ କରାଯାଇ ଲୋକଙ୍କୁ ଶୀଘ୍ର ସହାୟତା ମିଳିବ:କୋଡିଙ୍ଗା ତହସିଲଦାର

## ରାୟଗଡ଼ା ଜିଲା: ପଜିଟିଭ ସଂଖ୍ୟା ୩୧ଶହ ଛୁଇଁଲା ୧୩୭ ନୂଆ ଆକ୍ରାନ୍ତ

ରାୟଗଡ଼ା ଅଫିସ,୨୩।୮:

ରାୟଗଡ଼ା ଜିଲାରୁ ପୁଣି ଶତାଧିକ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଜିଲାରୁ ୧୩୭ ପଜିଟିଭ ବାହାରିଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ପଦ୍ମପୁରରୁ ସର୍ବାଧିକ ୨୭ଜଣ, ରାୟଗଡ଼ା ସହରାଞ୍ଚଳରୁ ୧୫, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୬, କାଶୀପୁରରୁ ୧୯, ମୁନିଗୁଡ଼ାରୁ ୧୯, କୋଲନରାରୁ ୧୦, ଗୁଣପୁର ସହରାଞ୍ଚଳରୁ ୬, ଗୁଣପୁର ଗ୍ରାମାଞ୍ଚଳରୁ ୪, କଲ୍ୟାଣସିଂହପୁରରୁ ୭, ରାମନାଗୁଡ଼ାରୁ ୯, ଚନ୍ଦ୍ରପୁରରୁ ୨, ବିଷମକଟକରୁ ୧, ଗୁଡାରିରୁ ୧ ଏବଂ ଜଣେ ଆନ୍ଧ୍ରପ୍ରଦେଶରୁ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏମାନଙ୍କ ମଧ୍ୟରେ ୧୫ ଜଣ କୋଭିଡ୍ ଯୋଦ୍ଧା ରହିଛନ୍ତି। ସମସ୍ତ ସଂକ୍ରମିତ ଗୃହ ସଙ୍ଗରୋଧରେ ଥିବା ସମୟରେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧୦୦ ଛୁଇଁଛି।

## ଜମି ବିବାଦକୁ କେନ୍ଦ୍ରକରି ଦୋକାନ ପୋଡି ଅଭିଯୋଗ

କାଲିମେଳା/ଏମ୍‌ଭି-୭୯, ୨୩।୮(ଡି.ଏନ.ଏ)

ମାଲାକନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତ ଏମପିଭି-୪୨ ଛକଠାରେ ଥିବା ଏକ ପାନ ଚା' ଦୋକାନକୁ କେତେକ ବ୍ୟକ୍ତି ରବିବାର ପୋଡି ଦେଇଥିବା ଏମଭି-୭୯ ଥାନାରେ ଅଭିଯୋଗ ହୋଇଛି। ଜମି ବିବାଦରୁ ଏପରି ଘଟଣା ଘଟିଛି। ଏମପିଭି-୪୨ ଗ୍ରାମର କାଳିପାଦ ମାଲକାର ଏବଂ ତାଙ୍କ ଦୁଇପୁଅ ମିଶି ଏହି ଛକରେ ୪୦ ବର୍ଷ ହେଲା ଦୋକାନ କରିଥିଲେ । ଏନେଇ କିଛି କେବେ ବିବାଦ ନ ଥିଲା। ହଠାତ୍ ୨୦ ଦିନ ତଳେ ଏମପିଭି-୭୬ ଗ୍ରାମର ଖଗେନ ବୋର ଆସି ଏହି ଜାଗା ଆମର ତମେ ଦୋକାନ ଖାଲି କରି ଚାଲିଯାଅ କହି ତାଙ୍କୁ ଧମକଚମକ ଦେଇଥିଲେ। ଏବେ ଖଗେନଙ୍କ ସହ ଅନ୍ୟମାନେ ଆସି ମୋ ଦୋକାନରେ ନିଆଁ ଲଗାଇ ପୋଡି ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏନେଇ କାଳିପଦ ଏମପିଭି-୭୬ ଗ୍ରାମର ଖଗେନ ବୋର, ବାବୁଲ ଦାସ, ହାରବିଲାସ ମଣ୍ଡଳ, ଅନାଥ ମଣ୍ଡଳ,ମଣ୍ଟୁ ସରଦାର ଏବଂ ବିଶ୍ୱଜିତ ସରକାରଙ୍କ ନାମରେ ଏମଭି-୭୯ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରାୟ ୬୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି।

# ସହରରେ ଗୋଟିଏ ନମ୍ବର ପ୍ଲେଟ୍‌ରେ ୩ ଟ୍ରେଲର









ଜୟପୁର,୨୩।୮(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ସହରରେ ଗୋଟିଏ ନମ୍ବର ପ୍ଲେଟରେ ୩ ଟ୍ରଲର ଚାଲିଥିବା ନଜରକୁ ଆସିଛି। ଦୁଇଟି ୧୪ ଚକିଆ ଟ୍ରେଲର ଏମ.ଜି. ରୋଡଠାରେ ରହିଥିବା ବେଳେ ଅନ୍ୟଟି ୧୮ ଚକିଆ ଟ୍ରେଲର ପୁରୁଣାଗଡ -ହାତୀଶାଳ ଛକ କେନାଲ ବାଇପାସ ରୋଡରେ ରାସ୍ତା ପାର୍ଶ୍ୱରେ ରହିଛି। ୩ଟି ଟ୍ରେଲରକୁ ଗୋଟିଏ ଓଆର ୧୦ଇ- ୫୫୦୪ ନମ୍ବର ମିଳିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଖବରପାଇ ଟାଉନଥାନା ପୋଲିସ ଏହି ୩ ଟ୍ରେଲରକୁ ଖୋଜାଖୋଜି କରିଥିଲେ। ଏନେଇ ତଦନ୍ତ ଆରମ୍ଭ ହୋଇଛି। କେନାଲ ରାସ୍ତାରେ ଅଟକି ରହିଥିବା ଟ୍ରେଲର ଆଗପଟେ ଗୋଟିଏ ନମ୍ବର ଥିବା ବେଳେ ପଛପଟେ ଅନ୍ୟ ଏକ ନମ୍ବର ଲଗାଯାଇଛି ।

# ଆମର ନୁହେଁ କହି କାମସାରିଲା କୃଷି ବିଭାଗ

ଟିକିରି,୨୩।୮(ଡି.ଏନ୍.ଏ.):

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଡୁଡୁକାବାହାଲ ପଞ୍ଚାୟତର ପାଣ୍ଡରିବେଡ଼ା ଜଙ୍ଗଲରେ ଚାଷୀଙ୍କ ପାଇଁ ଆସିଥିବା ଖତ, ସାର ଏବଂ କୀଟନାଶକକୁ ଫୋପଡ଼ାଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କୃଷି ବିଭାଗ ପକ୍ଷରୁ ଘଟଣାର ଅନୁଧ୍ୟାନ କରାଯାଇଛି। କାଶୀପୁର ସର୍କଲ ସହକାରୀ କୃଷି ଅଧିକାରୀ(ଏଏଓ) ଅନୁସୟା ଶତପଥୀ, ଟିକିରି ସର୍କଲ ଏଏଓ ତ୍ରିପତି ସିନ୍ନିପିନି ଏବଂ ଦୁଇ ବିଭାଗୀୟ କର୍ମଚାରୀ ରବିବାର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ତେବେ ଏହି ସାର ଓ କୀଟନାଶକ ଆମ ବିଭାଗର ନୁହେଁ ବୋଲି ଏଏଓ ସିନ୍ନିପିନି କହିଛନ୍ତି। କେଉଁ ବିଭାଗ ପକ୍ଷରୁ ଏବଂ କେଉଁ ପରିସ୍ଥିତିରେ ଏଠାରେ ଫୋପଡ଼ାଯାଇଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି। କୀଟନାଶକ ଗୁଡ଼ିକର ବ୍ୟବହାର ସମୟସୀମା ଚାଲିଯାଇଛି। ସରକାରୀ ନିୟମ ଅନୁଯାୟୀ ଏଗୁଡ଼ିକୁ ଏକ ନିର୍ଜନ ସ୍ଥାନରେ ପୋତିବା ଉଚିତ। ତେଣୁ ସରପଞ୍ଚ ଏବଂ ୱାର୍ଡ ସଭ୍ୟଙ୍କୁ ଅବଗତ କରାଇ ଉକ୍ତ ସ୍ଥାନକୁ ଗାଈଗୋରୁ ଏବଂ ଅଞ୍ଚଳବାସୀଙ୍କ ଯିବାକୁ ବାରଣ କରିବା ଉପରେ ଗୁରତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ବାରମ୍ବାର ଏହି ସ୍ଥାନରେ କୀଟନାଶକ ଫୋପଡ଼ାଯାଉଥିବାରୁ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଜଙ୍ଗଲରେ କୀଟନାଶକ ଫୋପାଡ଼ିବା ଘଟଣା**

# ମୃତଦେହ କବର ଦେବାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

ଜୟପୁର,୨୩।୮(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁରଠାରେ ମୃତଶରୀର କବରକୁ ନେଇ ୨ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଘଟଣା ଥାନାରେ ପହଞ୍ଚିବା ପରେ ଉଭୟ ପକ୍ଷଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡିଛି ଶୁକ୍ରବାର ସ୍ଥାନୀୟ ହାଇଦ୍ରାବଦ ଲାଇନର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ କବର ଦେବା ନେଇ ବିବାଦ ଦେଖାଦେବାରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଶାସନର ମଧ୍ୟସ୍ଥତାରେ ବାରିଣିପୁଟ ନିକଟସ୍ଥ ଏକ ଜମିରେ ବୃଦ୍ଧାଙ୍କୁ ପରିବାର ଲୋକେ କବର ଦେଇଥିଲେ। ଏନେଇ ରବିବାର ପୂର୍ବାହ୍ନରେ ହାଇଦ୍ରାବାଦ ଲାଇନରେଠାରେ ମୃତାଙ୍କ ସମ୍ପର୍କୀୟଙ୍କୁ କେତେକ ଯୁବକ କମେଣ୍ଟ ମାରିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ପରେ ମାରପିଟ ହୋଇଥିଲା। ଫଳରେ ଉଭୟ ଗୋଷ୍ଠୀର କେତେକ ବ୍ୟକ୍ତି ଆହତ ହୋଇଥିଲେ। ଖବରପାଇ ଅତିରିକ୍ତି ଥାନା ଅଧିକାରୀ ରଘୁନାଥ ମାଝିଙ୍କ ନେତୃତ୍ୱରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହିତ ଥାନାକୁ ଡକାଇ ଆଲୋଚନା କରିଥିଲା। ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ୨ଟି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମାଝି କହିଛନ୍ତି ।

# ପୂଜା, ପିଠାପଣା, ନାଚଗୀତ ଆସର

ରାଇଘର/ଚନ୍ଦାହାଣ୍ଡି, ୨୩।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛେଳିଡଙ୍ଗରୀ ପଞ୍ଚାୟତ ସରଗୁଲି ଆଦିବାସୀ ଗାଁରେ ରବିବାର ପାରମ୍ପରିକ ନୀତିରେ ନୂଆଁଖାଇ ପାଳନ କରାଯାଇଛି। ଛେଳିଡଙ୍ଗରୀ ପଞ୍ଚାୟତର ସରଗୁଲି, ଭାଲୁଗୁଡା, ନୂଆପାରା, ଦେଉଳପାରା, ପଖନାପାରା, ଶାଲେଭାଟା, ଶର୍ଗିପାରା ଓ ଛେଳିଡଙ୍ଗରୀ ଗ୍ରାମର କେତେଜଣ ମୁଖିଆ ପରିବାର ସରଗୁଲି ଗ୍ରାମର ଜିମାଦାରିନୀ ଠାକୁରାଣୀ ମନ୍ଦିର ନିକଟରେ ଏକତ୍ରିତ ହୋଇ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ନୂଆଖିଆ ପାଇଁ ଚୁଡା, ଚାଉଳ ତିଆରି କାକରା ପିଠା, ଖିରି ଓ ଅନ୍ନ ଭୋଗ କରାଯାଇଥିଲା। ପୂଜାରୀ ତୁଳାରାମ ଗଣ୍ଡ ଠାକୁରାଣୀଙ୍କ ନୀତି ଅନୁଯାୟୀ ପୂଜା ଓ ଭୋଗ ଚଢାଇବା ପରେ ପାରମ୍ପରିକ ବାଦ୍ୟ ବଜାଯାଇ ସମସ୍ତଙ୍କ ମଧ୍ୟରେ ଭୋଗ ବଣ୍ଟାଯାଇଥିଲା। ଏଥିରେ ମୁଖିଆ ସୁକଦେବ ଗଣ୍ଡ, ଗଙ୍ଗାରାମ ପୂଜାରୀ, ହେମଲାଲ ଗଣ୍ଡ, କଉଡୁ ଗଣ୍ଡ ଓ ଉଦ୍‌ରନ୍ ଗଣ୍ଡଙ୍କ ସମେତ ବହୁ ମହିଳା, ପୁରୁଷ ଯୋଗଦେଇଥିଲେ। ନୂଆ ଖାଇସାରିବା ପରେ ଗ୍ରାମର ସମସ୍ତେ ଏକତ୍ରିତ ହୋଇ କୁଟ ମନ୍ଦର ବଜାଇ ପାରମ୍ପରିକ ପନ୍ଦି ଗୀତ ଗାଇ ନାଚ ଗୀତ କରି ଖୁସି ମନାଇଥିଲେ।

ଚନ୍ଦାହାଣ୍ଡିରେ ମଧ କୃଷି ଓ କୃଷକର ପର୍ବ ନୂଆଁଖାଇ ପାଳନ କରାଯାଇଛି। ରବିବାର ସକାଳୁ ଚାଷୀ ଜମିରୁ ଧାନକେଣ୍ଡା ପୂଜାକରି ଆଣିବାପରେ ନୂଆ ଧାନର ଖିରି ସହ ବିଭିନ୍ନ ପିଠାପଣା ଘରେ ଘରେ ତିଆରି କରାଯାଇଥିଲା।



ସରଗୁଲି ଗ୍ରାମ ଜିମାଦାରିନୀ ଠାକୁରାଣୀ ମନ୍ଦିରରେ ନୂଆଁଖାଇ ପୂଜା କରାଯାଉଛି।

**କୃଷିଭିତ୍ତିକ ପର୍ବ ନୂଆଁଖାଇ**

ପରିବାର ସଦସ୍ୟମାନେ ନୂତନ ପୋଷାକ ପିନ୍ଧି କୁରେଇ ପତ୍ରରେ ନୂଆ ଖାଇଛନ୍ତି। ସାନମାନେ ବଡଙ୍କୁ ନୂଆଁଖାଇ ଜୁହାର ହୋଇ ଆଶୀର୍ବାଦ ମାଗୁଥିବା ଦେଖିବାକୁ ମିଳିଛି। ରବିବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ନିଜ ଦଣ୍ଡାମୁଣ୍ଡାସ୍ଥିତ ବାସଭବନରେ ଜନସାଧାରଣଙ୍କ ସହ ମିଶି ନୂଆଁଖାଇ ପାଳିଥିଲେ। ସେହିପରି ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ମଧ ଫଟକିସ୍ଥିତ ତାଙ୍କ ବାସଭବନରେ ଘରର ଇଷ୍ଟ ଦେବତାଙ୍କୁ ପାରମ୍ପରିକ ରୀତିନୀତିରେ ପୂଜା କରି ପରିବାର ସହ ନୂଆ ଖାଇଥିଲେ। ରାୟଗଡା ଜିଲା ପ୍ରଭାରୀ ଗୋବିନ୍ଦ କୁମାର ଜୈନ, ଜିଲା ବିଜେଡି ସଂଯୋଜକ ପ୍ରମୋଦ କୁମାର ପାଢୀ ଓ ସାମାଜିକ କର୍ମୀ ପୁରୁଷୋତ୍ତମ ପାରି ମଧ ଲୋକମାନଙ୍କ ସହ ନୂଆଁଖାଇ ପାଳିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ରାସ୍ତା ଉପରେ ଧାନ ରୋଇଲେ ଗ୍ରାମବାସୀ

କୋରୁକୋଣ୍ଡା, ୨୩।୮ (ଡି.ଏନ.ଏ.)

ଭଲ ରାସ୍ତାଟିଏ ପାଇଁ ବାରମ୍ବାର ଦୌଡି ପ୍ରଶାସନ ନଶୁଣିବାରୁ ଶେଷରେ ଗ୍ରାମବାସୀ କାଦୁଅ ରାସ୍ତାରେ ଧାନ ରୋଇ ପ୍ରତିବାଦ କରିଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତର ସିଦ୍ଧେଶ୍ୱରପୁର ଗ୍ରାମରେ। ଏହି ଗ୍ରାମରେ ପ୍ରାୟ ୩୦ ପରିବାର ବାସ କରନ୍ତି। ଗ୍ରାମରେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ। ଆଖପାଖ ୩ଟି ଗ୍ରାମର ପିଲାମାନେ ପଢିବାକୁ ବିଦ୍ୟାଳୟକୁ ଆସନ୍ତି। ମାତ୍ର ଯାତାୟତ ଲାଗି ଭଲ ରାସ୍ତାଟିଏ ନାହିଁ। ବାରମ୍ବାର ଏନେଇ ପଞ୍ଚାୟତ ଓ ବ୍ଲକରେ ଲିଖିତ ରୂପେ ଜଣାଇ କିଛି ସୁଫଳ ନ ମିଳିବାରୁ କାଦୁଅ ରାସ୍ତାରେ ଧାନ ରୋଇ ଗ୍ରାମବାସୀ ପ୍ରଶାସନର ଉଦାସୀନତାର ପ୍ରତିବାଦ କରିଛନ୍ତି।

## ୨ଜିଲାରୁ ୧୮୦ ପଜିଟିଭ

କୋରାପୁଟ,୨୩।୮ (ସ୍ୱ.ପ୍ର.)

ରବିବାର କୋରାପୁଟ ଓ ମାଲକାନଗିରି ଜିଲାରୁ ୧୮୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲାରୁ ୯୫ ଜଣ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲାରୁ ୮୫ ଜଣ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲାରୁ ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଟିଏମ୍‌ସିରୁ ୭, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୫୧ ଓ ୩୭ ଜଣ ସ୍ଥାନୀୟ ବାସିନ୍ଦା ରହିଛନ୍ତି। ଜିଲାର ୩ଟି ପୌରାଞ୍ଚଳରୁ ୫୮ ଚିହ୍ନଟ ହୋଇଛନ୍ତି। ଜୟପୁର ପୌରାଞ୍ଚଳରୁ ୪୫, କୋରାପୁଟ ପୌରାଞ୍ଚଳରୁ ୯ ଓ ସୁନାବେଡା ପୌରାଞ୍ଚଳରୁ ୪ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରୁ ୩୭ ଚିହ୍ନଟଙ୍କ ମଧ୍ୟରେ ବୈପାରିଗୁଡା ବ୍ଲକରୁ ଜଣେ, ବୋରିଗୁମ୍ମାରୁ ୫, ଦଶମନ୍ତପୁରରୁ ୩, ଜୟପୁରରୁ ୫ ,କୋରାପୁଟରୁ ଜଣେ, କୁନ୍ଦୁରାରୁ ୩, ଲମତାପୁଟରୁ ୪, ଲକ୍ଷ୍ମୀପୁରରୁ ୩, ନାରାୟଣପାଟଣାରୁ ୨ ଓ ପଟ୍ଟାଙ୍ଗି ବ୍ଲକରୁ ୧୦ ଜଣ ପଜିଟିଭ ରହିଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୫୨୬କୁ ବୃଦ୍ଧିପାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

ମାଲକାନଗିରି ଜିଲାରେ ରବିବାର ୮୫ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୭୮୦ରେ ପହଞ୍ଚିଛି। ଚିହ୍ନଟ ୮୫ ଜଣଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୪୫, ବାଲିମେଳା ଏନ୍‌ଏସିରୁ ୯, ଖଇରପୁଟ ବ୍ଲକରୁ ୫, କୋରୁକୋଣ୍ଡାରୁ ଜଣେ, ମାଥିଲିରୁ ୬, ଚିତ୍ରକୋଣ୍ଡାରୁ ୧୨ ଏବଂ କାଲିମେଳା ବ୍ଲକରୁ ୭ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଖବରଦାତାଙ୍କ ଫେସବୁକ ହ୍ୟାକ୍‌କରି ଟଙ୍କା ମାଗୁଛନ୍ତି ଅଜଣାବ୍ୟକ୍ତି

ନବରଙ୍ଗପୁର,୨୩।୮(ବି.ପ୍ର.)

ନବରଙ୍ଗପୁରର ବରିଷ୍ଠ ଖବରଦାତା ବାଙ୍କ ବିହାରି ବିଷୋୟୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକକରି କେହିଜଣେ ତାଙ୍କ ସାଙ୍ଗସରଥୀଙ୍କୁ ଟଙ୍କା ମାଗୁଛନ୍ତି। ଘଟଣା ସମ୍ପର୍କରେ ଖବରଦାତା ଜଣଙ୍କ ଜାଣିପାରି ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ଶନିବାର ରାତିରେ କେହି ଜଣେ ଅଜଣା ବ୍ୟକ୍ତି ଖବରଦାତାଙ୍କ ଫେସବୁକ ଆକାଉଣ୍ଟ ହ୍ୟାକ କରି ଦେହ ଖରାପ ଥିବା କହି ମେସେଜରେ ସାଙ୍ଗସାଥୀଙ୍କୁ ୧୦ ହଜାର ଟଙ୍କା ମାଗିଛନ୍ତି। ଏଥିପାଇଁ ଏକ ଆକାଉଣ୍ଟ ନମ୍ବର ଓ ଆଇଏଫ୍‌ସି କୋର୍ଡ ଦେଇଛନ୍ତି। କିଛିଦିନ ମଧ୍ୟରେ ଟଙ୍କା ଫେରାଇ ଦେବାକୁ ଉକ୍ତ ମେସେଜରେ ଉଲ୍ଲେଖ ରହିଛି। ଏହି ମେସେଜ ଦେଖି ଖବରଦାତାଙ୍କ ସାଙ୍ଗମାନେ ତାଙ୍କୁ ଫୋନ କରିଥିଲେ। ଏହାପରେ ତାଙ୍କ ଆକାଉଣ୍ଟ ହ୍ୟାକ ହୋଇଛି ବୋଲି ଖବରଦାତା ଜାଣିପାରିଥିଲେ। ହ୍ୟାକ କରିଥିବା ବ୍ୟକ୍ତି ଜଣଙ୍କ ଯେଉ ନମ୍ବର ଦେଇଥିଲେ ସେଥିରେ ଯୋଗାଯୋଗ କଲେ ତାହା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଥିବା କୁହାଯାଉଛି। ଘଟଣା ସମ୍ପର୍କରେ ଖବରଦାତା ବିଷୋୟୀ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ଭାରପ୍ରାପ୍ତ ଥାନା ଅଧିକାରୀ (ଡିଏସ୍‌ପି ପ୍ରବେଶନ) ପ୍ରତ୍ୟୁଷ ମହାପାତ୍ର ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି।

## ଜୋର ଧରିଲା ସେଣ୍ଟ୍ରାଲ ପାର୍କିଂ ଉଚ୍ଛେଦ ଦାବି

ଜୟପୁର,୨୩।୮(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରରେ ସେଣ୍ଟ୍ରାଲ ପାର୍କିଂ ବ୍ୟବସ୍ଥାର ଅବ୍ୟବସ୍ଥାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ପୌର କାର୍ଯ୍ୟାଳୟ ଏବଂ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେଣ୍ଟ୍ରାଲ ପାର୍କିଂର ସୁପରିଚାଳନା କରାଯାଉ ନଚେତ୍ ଏହାକୁ ଉଚ୍ଛେଦ କରାଯାଉ ବୋଲି ଲୋକେ ଦାବି କରିଛନ୍ତି। ଜୟପୁର ସହରରେ ଅନିୟନ୍ତ୍ରିତ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରଶାସନ, ପୌରସଂସ୍ଥା ଏବଂ ପୋଲିସ ଗତ ୪ରୁ ବାଇକ, ସାଇକେଲ ପାଇଁ ସହରରେ ସେଣ୍ଟ୍ରାଲ ପାର୍କିଂ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ମାତ୍ର ସେଠାରେ ୪ଚକିଆ ଯାନ ରଖାଯାଉଛି। ଏହା ଅଧିକ ସ୍ଥାନ ଅକ୍ତିଆର କରୁଥିବାରୁ ଏବଂ ଗାଡିଗୁଡ଼ିକ ଠିକ୍ ରୂପେ ରଖାଯାଉ ନ ଥିବାରୁ ବିଭିନ୍ନ ସମୟରେ ଛୋଟ ଓ ବଡ ଦୁର୍ଘଟଣାମାନ ଘଟୁଛି। ଏହାଛଡ଼ା ନୋ ପାର୍କିଂ ସ୍ଥଳରେ ମଧ ପାର୍କିଂ କରାଯାଉଥିବାରୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ସେଣ୍ଟ୍ରାଲ ପାର୍କିଂ ବ୍ୟବସ୍ଥା ଦ୍ୱାରା ଟ୍ରାଫିକ ସମସ୍ୟାରେ ସୁଧାର ଆସିବ ବୋଲି ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ପ୍ରାୟତଃ ବିଫଳ ହୋଇଛି। ଏଥିପ୍ରତି ପୌରସଂସ୍ଥା କିମ୍ବା ପୋଲିସର ନିୟନ୍ତ୍ରଣ ରହୁନାହିଁ ବୋଲି ଆଇନଜୀବୀ ଜୟନ୍ତ ସାନ୍ରା କହିଛନ୍ତି। ନୋ ପାର୍କିଂ ଏବଂ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଉପରେ ସେଣ୍ଟ୍ରାଲ ପାର୍କିଂ ନାମରେ ବାଇକ ଏବଂ କାର ପାର୍କିଂ କରାଯାଉଛି । ଅଥଚ ଏହାକୁ ନିୟନ୍ତ୍ରଣ ନେଇ କୌଣସି ଟ୍ରାଫିକ ପୋଲିସ ତଦାରଖ କରୁନାହାନ୍ତି ବୋଲି ବ୍ୟବସାୟୀ ସୁଜିତ ପାଣି କହିଛନ୍ତି। ସରକାରୀ କର୍ମଚାରୀ ଶିବ ପ୍ରସାଦ ନାୟକ କହିଛନ୍ତି ଯେ, ସେଣ୍ଟ୍ରାଲ ପାର୍କିଂ ବ୍ୟବସ୍ଥା ପୂର୍ବରୁ କରାଯାଇଥିଲା। ସମସ୍ୟା ହେବାରୁ ବନ୍ଦ କରାଯାଇଥିଲା। ଏହିପରି ବିଫଳ ଯୋଜନା ପୁଣି କାର୍ଯ୍ୟକାରୀ କରିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଟାଉନ ଥାନାଧିକାରୀ ବାଲେଶ୍ୱର ଗିଧି କହିଛନ୍ତି ଯେ, ସେଣ୍ଟ୍ରାଲ ପାର୍କିଂ ବ୍ୟବସ୍ଥାକୁ କଡାକଡି ପାଳନ ଲାଗି ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ସହିତ ପୌରସଂସ୍ଥା ପକ୍ଷରୁ ସ୍ଥାନ ଚିହ୍ନଟ ପାଇଁ ମାର୍କିଂ ପରେ ଏଥିରେ ସୁଧାର ଆସିପାରିବ।

